# Akashvani, Sambalpur

## SAMBALPURI NEWS MORNING BULLETIN

## 20 June 2026 - 6.47- 6.52 am.

---

ପ୍ରଧାନ୍‌ମନ୍ତ୍ରୀ-ଓଡ଼ିଶା          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ଶ୍ରୀ ମୋଦୀ ମୟୂରଭଞ୍ଜ ଜିଲ୍ଲାର୍ ପାହାଡ଼ପୁରଠାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ସଙ୍ଗେ ଗୁଟେ ସାଧାରଣ ସଭାଥି ଯୋଗ୍‌ଦେଇକରି ରାଜ୍ୟର ବିକାଶ ଲାଗି ଭିନ୍ ଭିନ୍ ଉନ୍ନୟନମୂଳକ ପ୍ରକଳ୍ପର୍ ଉଦ୍‌ଘାଟନ ଆଉ ଶିଳାନ୍ୟାସ୍ କର୍‌ବେ । ରାଷ୍ଟ୍ରପତି ଆଉ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କର୍  ୨ ବଛର୍ ପୂର୍ତ୍ତି ଅବ୍‌ସରେ ରାଇରଙ୍ଗପୁରଠାନେ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଇ ଅବ୍‌ସରେ ୪୭ ହଜାର ୬୦୦ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ଭିନ୍ ଭିନ୍ ବିକାଶମୂଳକ ପ୍ରକଳ୍ପର୍ ଉଦ୍‌ଘାଟନ  ଆଉ ଶିଳାନ୍ୟାସ୍ କରାଯିବା । ପ୍ରଧାନମନ୍ତ୍ରୀ ସେଠାନେ ଗୁଟେ ଜନସମାବେଶକେ ଭିଲ୍ ସମ୍ବୋଧିତ କର୍‌ବେ । ଇତାର୍‌ସହେତେ

ଭୁବନେଶ୍ୱର ନ ୩୦୦ ଟିପିଡି କ୍ଷମତାର୍ କଠିନ ବର୍ଜ୍ୟବସ୍ତୁ ଆଧାରିତ ବାୟୋଗ୍ୟାସ୍ ପ୍ଲାଂଟ୍, କଟକ ଆର୍ ଭୁବନେଶ୍ୱରକେ ଜୁଡୁଥିବା କାଠଯୋଡ଼ି ନଦୀବନ୍ଧା, ବୌଦ୍ଧ ଜିଲ୍ଲାର ଢାଲପୁର-ହରଭଙ୍ଗା ସଡ଼କର ପ୍ରଶସ୍ତୀକରଣ ଆଉ ସୁଦୃଢ଼ୀକରଣ ବାଗିର୍ ଭିନ୍ ଭିନ୍ ପ୍ରକଳ୍ପର ଶିଳାନ୍ୟାସ କରାଯିବ । ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ୩୦୦ ଶଯ୍ୟାର ନୂଆଁ ଭବନ, ରାଜ୍ୟର ଭିନ୍ ଭିନ୍ ଜିଲ୍ଲା ନ ୨୪ଟା ଅଟଲ ବସ୍‌ଷ୍ଟାଣ୍ଡ୍, ୯ଟା ସ୍ୱୟଂଚାଳିତ ପରୀକ୍ଷଣ୍ କେନ୍ଦ୍ରର୍ ଉଦ୍‌ଘାଟନ କରାଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ରାଷ୍ଟ୍ରପତି- ଓଡ଼ିଶା          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲାକାଏଲ୍ ଦୁଇଦିନିଆ ଓଡ଼ିଶା ଗସ୍ତଥି ଆସିକରି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାନେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ନ ଏମ୍ସ ଭୁବ୍‌ନେଶ୍ୱର୍ ତର୍‌ଫୁ ଆୟୋଜିତ୍ ଗୁଟେ ଚିକିତ୍ସା ଶିବିର୍ ଉଦ୍‌ଘାଟନ୍ କର୍‌ବାର୍ ସହେତେ ଭିନ୍ ଭିନ୍ ବିକାଶମୂଳକ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କରିଛନ୍ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କୁସୁମି ବ୍ଲକର  ଶହେ ୧୩ଟା ଖଣି ପ୍ରଭାବିତ ଗାଁ ନ

ଗୁଟେ ବୃହତ ଗ୍ରାମୀଣ ପାଇପ ଜଲ୍ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ୍ କରିଛନ୍ । ଇତାର୍‌ଛଡ଼ା ହାଟବଦ୍ରାଠାନେ ବ୍ରହ୍ମାକୁମାରୀ ସଂସ୍ଥା ତରଫୁ ମାତୃଶକ୍ତି ଭବନ, ଗୁଟେ ଖାସ୍ ସର୍କିଟ ହାଉସ ଆଉ ରାଇରଙ୍ଗପୁର ଠାନେ ନୂଆଁ ତିଆର୍ ହେଇଥିବା ପୁଲିସ ଜିଲ୍ଲାର ଲୋକାର୍ପଣ କରିଛନ୍ ।

ପି.ଏମ୍ କିଷାନ୍ ଯୋଜ୍‌ନା ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ପି.ଏମ୍ କିଷାନ୍ ଯୋଜ୍‌ନାର୍ ୨୩ ନମ୍ବର୍ କିସ୍ତି ବାଂଟ୍‌ବେ । ପଶ୍ଚିମବଙ୍ଗ୍ ହୁଗୁଳି ଜିଲ୍ଲା ନ ହେବାର୍‌କେ ଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ୯ କୋଟି ୪୪ ଲାଖ୍ ନୁ ଅଏତ୍‌କା ଚାଷୀଙ୍କର୍ ବେଙ୍କ୍ ଏକାଉଂଟ୍‌କେ ୧୮ ହଜାର୍ ୮ ଶହ ୮୦ କୋଟି ଟଙ୍କା ସିଧାସଖଲ୍ ଦେବେ । ୨୦୧୯ ମସିହାନୁ ଇ ଯୋଜ୍‌ନାଥି ଏବ୍‌ତକ୍ ଚାଷୀମାନ୍‌କର୍ ଖାତାକେ ପାଖାପାଖି ସାଢ଼େ ୪ ଲାଖ୍ କୋଟି ଟଙ୍କାନୁ ଅଏତ୍‌କା ଟଙ୍କା ଦିଆଗଲାନ ।

ଶୀତଲ୍‌ଷଷ୍ଠୀ ସମ୍ବଲପୁର୍ ସମ୍ବାଦଦାତା

ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ସମ୍ବଲ୍‌ପୁର୍ ସହର୍ ଗଜଗଜଉଛେ । ଲୋକାଚାର୍‌ଥି ବିହାଘର୍ ଉତ୍‌ରୁ ସମ୍ବଲପୁର୍ ସହରେ ଗଲାକାଏଲ୍ ଅଧା ରାତିନୁ ଦେବ ଦେବ ମହାଦେବ ଆର୍ ଦେବୀ ପାର୍ବତୀ-ପାର୍ଶ୍ୱଦେବାଦେବୀଙ୍କର୍ ସଙ୍ଗେ ଶୀତଲ୍‌ଷଷ୍ଠୀ ଯାତ୍ରା ଆର୍ ନଗର୍ ପରିକ୍ରମାଥି ବାହାରିଛନ୍ । ସୁନ୍ଦର୍ ଶୈଲୀଥି ସଜାଯାଇଥିବା ମେଢ଼ ମାନ୍‌କେ ରୂପା, ସୁନାର୍ ଅଲଙ୍କାର୍ ପିନ୍ଧିଥିବା ଦେବଦମ୍ପତିଙ୍କର୍ ଦର୍ଶନ୍ କର୍‌ବାର୍ ଲାଗି ସମ୍ବଲ୍‌ପୁର୍ ସହରେ ବହୁତ୍‌ଟେ ଭକ୍ତଙ୍କର୍ ସମାଗମ ହେଇଛେ । ୭ ଦିନ୍ ଧରିକରି ଚାଲିଥିବା ଶୀତଲ୍‌ଷଷ୍ଠୀ ଯାତ୍ରାର୍ ଆଏଜ୍ ହେଉଛେ ଶେଷ୍ ଦିନ୍ । ଆଏଜ୍ ସଖାଲେ ବାଟ୍ ରହଣୀ ଆର୍ ପାରମ୍ପରିକ୍ ପୂଜା ଉତ୍‌ରୁ ଆଉ କିଛି ସମିଆ ଗଲେ ଫେର୍ ନଗର୍ ପରିକ୍ରମା ମୂଲ୍ ହେବା । ନନ୍ଦପଡ଼ାର୍ ବମ୍‌ବରାଡ଼ ବାଲୁଙ୍କେଶ୍ୱର୍ ବାବା, ଝାଡୁଆପଡ଼ାର୍ ଲୋକନାଥ ବାବା, ମୁଦିପଡ଼ାର୍ ଜାଗେଶ୍ୱର୍ ବାବା, ବଡ଼ବଜାରର୍ ଶୀତଲେଶ୍ୱର୍ ବାବା, ଠାକୁରପଡ଼ାର୍ ଗୁପ୍ତେଶ୍ୱର୍ ବାବା, ବୁଢ଼ାରଜାର ପାହାଡ଼େଶ୍ୱର ବାବା, ବାଲିବନ୍ଧାର୍ ସୋମ୍‌ନାଥ୍, ମ୍ୟୁନିସିପାଲ୍‌ଟି ଛକ୍‌ର ଗୁପ୍ତେଶ୍ୱର୍ ମହାଦେବ୍ ବାବା, ଫାଟକ୍‌ର ମହାକାଳେଶ୍ୱର୍

ବାବା- ଜଗତ୍‌ଜନନୀ ମାତା ପାର୍ବତୀଙ୍କର୍ ସାଙ୍ଗେ ସୁସଜ୍ଜିତ ରଥଥି ନଗର ପରିକ୍ରମାଥି ବାହାରିଛନ୍ ।
ଇ ନଗର୍ ପରିକ୍ରମା ଯାତ୍ରାଥି ପାରମ୍ପରିକ୍ ଦୁଲ୍‌ଦୁଲି, ମେଲୋଡ଼ି, ଲୋକ୍‌ନାଚ୍ ଗୀତ ସହେତେ ଭିନ୍ ଭିନ୍ ରାଜ୍ୟର୍ ସାଂସ୍କୃତିକ୍ ଦଲ୍ ସହେତେ ୧୦ ହଜାର୍‌ନୁ ଅଏତ୍‌କା କଲାକାର୍ ସାମିଲ୍ ହେଇଛନ୍ । ପାଗ୍ ଟିକେ ବଦ୍‌ଲିଥିବାର୍‌ନୁ ଆଏଜ୍ ଲୁକ୍‌କର୍ ଗହଲି ବଢ଼ିଛେ । ଉପର୍‌ବେଲା ଦେବଦମ୍ପତିଙ୍କର୍ ମନ୍ଦିର୍ ପ୍ରବେଶ୍ ହେବାର୍‌ତକ୍ ଯାତ୍ରା ଚାଲ୍‌ବା । ମହାଆଲ୍‌ତୀ ଉତ୍‌ରୁ ଦେବଦମ୍ପତି ମନ୍ଦିର୍ ପ୍ରବେଶ୍ କର୍‌ବେ ।

ଶୀତଲଷଷ୍ଠୀ- ଆକାଶ୍‌ବାଣୀ ଧାରା ବିବରଣୀ/ଆର୍‌ଏନ୍‌ୟୁ ସମ୍ବଲପୁର୍

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ତର୍‌ଫୁ ଆଏଜ୍ ସଖାଲେ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ପ୍ରଚାର୍ କରାଯିବା । ଇ ଧାରା ବିବରଣୀ ସକାଲର୍ ସାଢ଼େ ୯ ବଜେନୁ ୧ ବାଜିକରି ୫୦ ମିନିଟ୍‌ତକ୍ ପ୍ରସାରଣ୍ କରାଯିବା । ଇଟାକେ

ଆକାଶ୍‌ବାଣୀ ବଲାଙ୍ଗିର୍, ଭବାନୀପାଟ୍‌ନା ଆର୍ ରାଉର୍‌କେଲା କେନ୍ଦ୍ର ଏକାସାଙ୍ଗେ ରିଲେ କର୍‌ବେ ।

ଆପାର୍ଟମେଂଟ୍ ପଞ୍ଜିକରଣ          ଆଇ ଆଣ୍ଡ୍ ପି.ଆର

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ଆଉ ଗୃହ ଆର୍ ନଗର୍ ଉନ୍ନୟନ୍ ବିଭାଗ ମିଶିକରି ଆପାର୍ଟମେଂଟ୍ ପଞ୍ଜିକରଣ୍ ଲାଗି ଗୁଟେ ନୂଆଁ ମାନକ ପ୍ରଣାଳୀ ଏସ୍.ଓ.ପି. ଜାରି କରିଛନ୍ । ଆପାର୍ଟମେଂଟ୍ ପଞ୍ଜିକରଣ୍ ପ୍ରକ୍ରିୟାକେ ଅଏତ୍‌କା ଫଟିକ୍, ସରଳ ଆଉ ସମନ୍ୱିତ୍ କର୍‌ବାର୍‌କେ ନୂଆଁ ଏସ୍‌ଓପି ଅନ୍‌ସାରେ ୩ ଟା ଭାଗ୍‌ଥି ବିଭକ୍ତ କରାଯାଇଛେ । ଫିଂ’ ବିଭାଗ୍ ଲାଗି ଦର୍‌କାରୀ ଦଲିଲ୍ ପତ୍ର, ଯାଂଚ୍ କାମ୍ ଆଉ ପଞ୍ଜିକରଣ୍‌ର ସର୍ତାବଲୀ ଫଟିକ୍ କରି ନୂଆଁ ଏସ୍‌ଓପିଥି ଧାରିଜ୍ କରାଯାଇଛେ । ଏସ୍‌ଓପିଥି ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ଅଂଚଲ୍ ଭିନ୍ ଭିନ୍ ଉନ୍ନୟନ୍ କର୍ତୃପକ୍ଷ ଅଂଚଲ୍ ଆଉ ରାଜସ୍ୱ ଉପଖଣ୍ଡ ଅଂଚଲ୍ ଲାଗି ଅଲ୍‌ଗା ଅଲ୍‌ଗା କ୍ଷମତା ଥିବା କର୍ତୃପକ୍ଷଙ୍କର୍ ଭୂମିକା ଆଉ ଦାୟିତ୍ୱ ଭିଲ୍ ଫଟିକ୍ କରାଯାଇଛେ ।

ଆଇ.ଟି.ଇ.ପି. ପାଠ୍ୟକ୍ରମ୍ ନାଁଲେଖା ଆଇ ଆଣ୍ଡ୍ ପି.ଆର୍

ରାଏଜେ ୨୦୨୬-୨୭ ଶିକ୍ଷା ବଛର୍ ଲାଗି ଉଚ୍ଚଶିକ୍ଷା ବିଭାଗ୍ ତରଫୁ ଇଂଟିଗ୍ରେଟେଡ୍ ଟିଚର୍ ଏଜୁକେସନ୍ ପ୍ରୋଗ୍ରାମ୍-ଆଇ.ଟି.ଇ.ପି. ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ବିଜ୍ଞପ୍ତି ବାହାରିଛେ । ଆଏଜ୍ ୨ ବଜେନୁ ସାମ୍ସ ପୋର୍ଟାଲ୍‌ଥି ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇକରି ଆଏବା ମାସ ୫ ତାରିଖ୍‌ତକ୍ ଚାଲ୍‌ବା । ଆଏବା ମାସର୍ ୧୦ ତାରିଖ୍ ଦିନ ପହେଲା ମେଧା ତାଲିକା ବାହାର୍‌ବା । ଇ ପାଠ୍ୟକ୍ରମ୍‌ଥି ନାଁଲେଖା ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସିଥି ତରଫୁ ହେଇଥିବା ନେସ୍‌ନାଲ୍ କମନ୍ ଏଂଟ୍ରାନ୍ସ ଟେଷ୍ଟ୍ ୨୦୨୬ ର ମାର୍କ ଆଧାର୍‌ଥି ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଭିନ୍ ଭିନ୍ ଜିଲ୍ଲା ନ ବର୍ଷା ହେଇଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଚଡ଼କ୍ ମାରିକରି

ବର୍ଷା ହେବା ବଲି ପାଖାପାଖି ସବୁ ଜିଲ୍ଲାକେ ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।